# ଆଦିବାସୀ ମେଳା-୨୦୧୭

## ପଞ୍ଚମ ସନ୍ଧ୍ୟା (ଶହୀଦ ଶ୍ରଦ୍ଧାଞ୍ଜଳି)

ଭୁବନେଶ୍ୱର ତା ୩୦-୦୧-୨୦୧୭ ରିଖ ଭାରତ ମାତାକୁ ବ୍ରିଟିଶ ଶାସନ କବଳରୁ ମୁକ୍ତ କରିବା ପାଇଁ ଜାତୀୟ ଜୀବନର କର୍ଣ୍ଣଧାର ଜାତିର ଜନକ, ଜାତିପ୍ରାଣ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଯେଉଁ ଐତିହାସିକ ସ୍ୱାଧୀନତା ସଂଗ୍ରାମ ସଙ୍ଗଠିତ ହୋଇଥିଲା, ସେହି ଜାତୀୟ ସଂଗ୍ରାମକୁ ଓଡ଼ିଶାର ବଣ ପାହାଡ଼ ଘେରା ଅଂଚଳରେ ବାସ କରୁଥିବା ଦୁର୍ଦ୍ଧର୍ଷ ବୀର ଜନଜାତିମାନଙ୍କର ଅବଦାନ ଅବିସ୍ମରଣୀୟ । ଶହୀଦ ଲକ୍ଷ୍ମଣ ନାୟକ, ବିର୍ସାମୁଣ୍ଡାଙ୍କ ପରି ଜନଜାତି ଯୋଦ୍ଧା ଭାରତ ଇତିହାସରେ ବିରଳ । ଏହି ଜାତୀୟ ଯୋଦ୍ଧାମାନଙ୍କ ପରି ଅନେକ ଆଦିବାସୀ ଯୋଦ୍ଧା ଭାରତର ଜାତୀୟ ସଂଗ୍ରାମକୁ ଝାସ ଦେଇ, ଦେଶପାଇଁ, ଜାତିପାଇଁ ପ୍ରାଣବଳୀ ଦେଇ ବ୍ରିଟିଶ ଶାସନ କବଳରୁ ଭାରତକୁ ମୁକ୍ତ କରି ଏକ ଗୌରବୋଜ୍ଜ୍ୱଳ ଇତିହାସ ସୃଷ୍ଟି କରିଛନ୍ତି ।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହରର ମଧ୍ୟସ୍ଥଳୀରେ ସେଇ ଦୁର୍ଦ୍ଧର୍ଷ ଆଦିବାସୀ ଯୋଦ୍ଧାମାନଙ୍କ ସ୍ମୃତିଚାରଣ ପାଇଁ ଆଦିବାସୀ ପଡ଼ିଆର ସୃଷ୍ଟି । ଏଇଠି ପ୍ରତିବର୍ଷ ଜନରାଜ୍ୟ ଦିବସ ଜାନୁୟାରୀ ୨୬ ତାରିଖରୁ ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି ଆଦିବାସୀ ମେଳା । ଆଜି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ଯୋଦ୍ଧା, ସତ୍ୟ ଓ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ମହାତ୍ମାଗାନ୍ଧିଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ମହାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ଦେଶାତ୍ମବୋଧ ସଙ୍ଗୀତ ଓ ଭଜନ ପରିବେଷଣ କରିଛନ୍ତି ଭୁବନେଶ୍ୱରର "ମୟୂରୀ" ଅନୁଷ୍ଠାନ । ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ନାୟକ, ବିଷ୍ଣୁମୋହନ କବି, ରବି ମହାପାତ୍ର, ସୁଧାକର ମିଶ୍ର, ପ୍ରଦୀପ ଦାଶ, ଅସୀମା ପଣ୍ଡା, ହରପ୍ରିୟା ସ୍ୱାଇଁ, ନେହା ନିହାରିକା ଓ ଶ୍ରେୟା ମନ୍ଦାକିନୀଙ୍କ ଦେଶାତ୍ମବୋଧ ସଙ୍ଗୀତ ଓ ଭଜନ ଶ୍ରୋତାମାନଙ୍କ ପ୍ରାଣରେ ଦେଶପ୍ରୀତିର ଝଙ୍କାର ତୋଳୁଥିଲା ବେଳେ ବାଦ୍ୟଶିଳ୍ପୀ ଅଜୟ ଚୌଧୁରୀ, ବିଭୁ ପ୍ରସାଦ ତ୍ରିପାଠୀ, ବଳରାମ

ବଳ, ଶିବ ନାରାୟଣ ମହାନ୍ତି ଓ ରାଜେନ୍ଦ୍ର ଦାଶଙ୍କ ବାଦନ କଳା ଶ୍ରୋତାମାନଙ୍କୁ ଭିନ୍ନ ଏକ ନୈସର୍ଗିକ ଦୁନିଆକୁ ଟାଣି ନେଉଥିଲା । ଆତ୍ମାରେ ପୁଲକର ଜୁଆର ଉଠୁଥିଲା । ସଙ୍ଗୀତ ସହିତ ବାଦ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ।

କଣ୍ଠଶିଳ୍ପୀମାନଙ୍କ ସୁମଧୁର କଣ୍ଠର ମଧୁର ମୂର୍ଚ୍ଛନା ସହିତ ତବଲା, ଢୋଲକ, କି-ବୋର୍ଡ଼ ଓ ଅକ୍ଟାପ୍ୟାଡ୍‌ର ଶବ୍ଦ ସଂଯୋଜନା ପରିବେଶକୁ ମନ୍ତ୍ରମୁଗ୍ଧ କରିବା ସହିତ ଶ୍ରୋତାମାନଙ୍କୁ ଆମୋଦିତ କରିଥିଲା ।

"ୟେ ମେରେ ୱତନ୍ କି ଲୋଗୋ" "ବୈଷ୍ଣବ ଜନତୋ ତେନେ କହି ୟେ" ଶ୍ରୋତାମାନଙ୍କ ପ୍ରାଣରେ ଦେଶପ୍ରେମର ସଂଚାର କରିଥିଲା । "ଆଖି ବୁଜି ଦେଲେ ତୋ କଳାବଦନ ସହିତ ଜଗନ୍ନାଥ ହେ, କିଛି ମାଗୁନାହିଁ ତୋତେ" ଏମିତି ଅନେକ ଅମୃତ ସଙ୍ଗୀତର ମଧୁର ମୂର୍ଚ୍ଛନା ଶ୍ରୋତାମାନଙ୍କୁ ବିମୋହିତ କରୁଥିଲା । ଦିନକୁ ଦିନ ମେଳାରେ ଲୋକ ଗହଳି ବଢ଼ି ଚାଲିଛି । ମୌଳିକ ଗୁଣବତ୍ତାଯୁକ୍ତ ବନଜାତ ସାମଗ୍ରୀ ସମୂହର ଭଲ ବିକ୍ରିବଟା ଚାଲିଛି । ପ୍ରତି ସନ୍ଧ୍ୟାରେ ଜନଜାତି କଳାକାରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ କାର୍ଯ୍ୟକ୍ରମକୁ ଦର୍ଶକମାନେ ମନଭରି ଉପଭୋଗ କରୁଛନ୍ତି ।

ଏହି ଆଦିବାସୀ ମେଳା-୨୦୧୭ ପ୍ରତ୍ୟେହ ଦିନ ୨ଟାରୁ ରାତ୍ରି ୯ଟା ପର୍ଯ୍ୟନ୍ତ ଖୋଲାଯାଉଛି । ସନ୍ଧ୍ୟାରେ ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଏହି ମେଳା ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ।